# ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

## ବିଜ୍ଞପ୍ତି ସଂଖ୍ୟା.୨୭୮(ସିଲାବସ୍) ତା.୧୫.୦୨.୨୦୨୧

ସିଲାବସ୍ କମିଟିର ତା. ୧୧.୦୨.୨୦୨୧ ରିଖ ରିଜଲ୍ୟୁସନ୍ କ୍ରମେ ଦଶମ ଶ୍ରେଣୀର ଇତିହାସ ବହିରେ ଥିବା 'ଭାରତରେ ଅସହଯୋଗ ଆନ୍ଦୋଳନ ଓ ଓଡ଼ିଶାରେ ଏହାର ପ୍ରଭାବ' ବିଷୟ ଅର୍ନ୍ତଗତ ପୃଷ୍ଠା ୧୩ର ଶେଷ ପାରାରେ '୧୯୧୯ ମସିହା' ବଦଳରେ ତ୍ରୁଟି ସଂଶୋଧନ କରାଯାଇ '୧୯୦୯' ମସିହା କରାଗଲା ।

ଏତଦ୍ ବ୍ୟତୀତ, ଏହି ପୁସ୍ତକର ''ଭାରତ ଛାଡ ଆନ୍ଦୋଳନ ଏବଂ ଏଥିରେ ଓଡ଼ିଶାର ଭୂମିକା'' ବିଷୟର ପୃଷ୍ଠା ୩୦ର ଦ୍ୱିତୀୟ ସ୍ତମ୍ଭର ଶେଷ ପାରାରେ ତ୍ରୁଟି ସଂଶୋଧନ କରାଯାଇ ନିମ୍ନରୂପେ ପଢ଼ିବା ପାଇଁ ଏହି ବିଜ୍ଞପ୍ତି ଦ୍ୱାରା ଜଣାଇ ଦିଆଗଲା ।

''ଅବିଭକ୍ତ କଟକ ଜିଲ୍ଲା ତଥା ବର୍ତ୍ତମାନର ଯାଜପୁର ଜିଲ୍ଲାର କାଇପଡ଼ାରେ ଏକ ଅମାନୁଷିକ ଘଟଣା ଘଟିଥିଲା । ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ଗିରଫ ଖବର ଶୁଣିବାପରେ ବରୀ ଅଂଚଳର ଲୋକମାନେ ଅତ୍ୟନ୍ତ ଉତ୍ତେଜିତ ହୋଇ ୧୯୪୨ ଅଗଷ୍ଟ ମାସ ୧୭ ତାରିଖରେ କାଇପଡ଼ା ଡାକ ଘରେ ନିଆଁ ଲଗାଇ ଦେଲେ । ଆନ୍ଦୋଳନ କ୍ରମଶଃ ତୀବ୍ରତର ହେବାରୁ ପୋଲିସ **Deputy Superintendent** ସେଠାରେ ପହଂଚିଲେ ଓ ଲୋକଙ୍କ ଉପରେ ଗୁଳି ଚାଳନା କଲେ । ଫଳରେ ୪ଜଣ ମୃତ୍ୟୁ ବରଣ କଲେ ଓ ୭ ଜଣ ଆହତ ହେଲେ । କାଇପଡ଼ାର ସତ୍ୟାଗ୍ରହୀମାନଙ୍କୁ ଗିରଫ କରି ଯାଜପୁର ନିଆଗଲା । ଯାଜପୁରଠାରେ ସଭାସମିତି ଉପରେ ନିଷେଧାଜ୍ଞା ଜାରି କରାଗଲା । କିନ୍ତୁ ସରକାରୀ ଆଦେଶ ଅବମାନନା କରି ପ୍ରାୟ ୧୫୦୦ ଲୋକ ଥାନା ଆଡକୁ ଅଗ୍ରସର ହେବାରୁ ପୋଲିସ ଗୁଳି ଚାଳନା ଓ ଲୁହାବୁହା ଗ୍ୟାସ ପ୍ରୟୋଗ କରିଥିଲେ ।''

(ସ୍ୱାକ୍ଷର)
ସମ୍ପାଦକ,
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ପରିପତ୍ର ସଂଖ୍ୟା .୨୭୯ (ସିଲାବସ୍) ତା.୧୫.୦୨.୨୦୨୧

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ତାଙ୍କ ଅଧିନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ଅବଗତି ଏବଂ ଛାତ୍ରଛାତ୍ରୀଙ୍କ ଗୋଚରାର୍ଥେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ହେବେ ।

(ସ୍ୱାକ୍ଷର)
ସମ୍ପାଦକ,
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ପରିପତ୍ର ସଂଖ୍ୟା .୨୮୦ (ସିଲାବସ୍) ତା.୧୫.୦୨.୨୦୨୧

ଆସିଷ୍ଟାଣ୍ଟ ସେକ୍ରେଟାରି, ମୁଦ୍ରଣ ବିଭାଗ, ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା, କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷର)
ସମ୍ପାଦକ,
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ପରିପତ୍ର ସଂଖ୍ୟା .୨୮୧ (ସିଲାବସ୍) ତା.୧୫.୦୨.୨୦୨୧

ଅତିରିକ୍ତ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା, ଭୁବନେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷର)
ସମ୍ପାଦକ,
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ